Tel : 0671-2308424, 2308104 (FAX)

# କଟକ ମହାନଗର ନିଗମ

ଚୌଧୁରୀ ବଜାର, କଟକ

Ref : 11414

Date : 31/10/15

## ବିଜ୍ଞପ୍ତି

ଏତଦ୍ୱାରା କଟକ ମହାନଗର ନିଗମ ଅଧିନରେ ଥିବା ସମସ୍ତ ୱାର୍ଡ଼ର ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି, ଖାଦ୍ୟ ନିରାପତା ଆଇନ ଅନୁଯାୟୀ ପସ୍ତୁତ ହୋଇଥିବା ପଡ଼ି କାର୍ଡ଼ ହିତାଧିକାରୀ ତାଲିକା ରାଜ୍ୟ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗର ୱେବ୍ ସାଇଟ୍ ରେ ଉପଲବ୍ଧ ହୋଇଅଛି । ଏହାର ଏକକିତା ତାଲିକା ବିକାଶ ଭବନରେ ଥିବା ମହାନଗର ନିଗମ କଣ୍ଟ୍ରୋଲ ରୁମରେ ଜନସାଧାରଣଙ୍କ ଅବଗତି ନିମନ୍ତେ ରଖାଯାଇଛି । ଏହି ତାଲିକାରେ ଯଦି କୌଣସି ଅଯୋଗ୍ୟ ବ୍ୟକ୍ତିଙ୍କର ନାମ ତାଲିକାଭୁକ୍ତ ହୋଇଥାଏ, ତେବେ ଏହି ତଥ୍ୟ ଫ୍ୟାକ୍ସ/ଇ-ମେଲ୍ ଅଥବା ଲିଖିତ ଭାବେ ନିମ୍ନ ସାକ୍ଷରକାରୀଙ୍କୁ ଜଣାଇବା ପାଇଁ ଅନୁରୋଧ କରାଯାଉଅଛି, ଯଦ୍ୱାରା କି ତଦନ୍ତ କରାଯାଇ ଅଯୋଗ୍ୟ ବ୍ୟକ୍ତିଙ୍କ ନାମ ଏହି ତାଲିକାରୁ ବାଦ କରାଯାଇ ପାରିବ ।

31/10/15

ଆୟୁକ୍ତ

ଜ୍ଞାପକ ସଂ. 11415 /ତା 31/10/15

ଏହାର ଏକକିତା ନକଲ ଜିଲ୍ଲା ଯୋଗାଣ ଅଧିକାରୀ, କଟକ/ ଉପ ଜିଲ୍ଲାପାଳ, କଟକ ସଦର/ ସମସ୍ତ କର୍ପୋରେଟର/ ଡେପୁଟି ମେୟର/ ମେୟର / ଜିଲ୍ଲାପାଳ, କଟକ ଙ୍କ ଅବଗତି ଓ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା ।

31/x/15

ଆୟୁକ୍ତ